# ଦହିବରା ଆଳୁଦମ୍ ଓ ଫାଷ୍ଟଫୁଡ୍ ଦୋକାନରେ ଭିଡ଼: ସାମାଜିକ ଦୂରତାକୁ ଫୁ'

କଟକ,୨୨।୫/ଏନ୍‌ଏନ୍‌ଏସ୍: ସମ୍ପ୍ରତି ସାରା ରାଜ୍ୟରେ କରୋନା ମୁକାବିଲା ପାଇଁ ସତର୍କତା ଓ ସଚେତନତା ମୂଳକ ପଦକ୍ଷେପ ଗ୍ରହଣ କରାଯାଉଥିବାବେଳେ ସାମାଜିକ ଦୂରତା ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏଥିସହିତ ହୋଟେଲ, ରେଷ୍ଟୋରାଁରେ ସାମାଜିକ ଦୂରତା ରକ୍ଷା ସମ୍ଭବ ହୋଇ ନପାରିବା ଆଶଙ୍କାରେ ଏଗୁଡ଼ିକୁ ବନ୍ଦ କରି ଦିଆଯାଇଛି। କେବଳ ହୋଟେଲ କିମ୍ବା ଜଳଖିଆ ଦୋକାନରୁ ଜନସାଧାରଣ ଖାଦ୍ୟ ପାର୍ସଲ ନେଇ ପାରିବେ। ଏଭଳି ପରିସ୍ଥିତିରେ ରାସ୍ତାକଡ଼ରେ ଖାଦ୍ୟ ପଦାର୍ଥ ବିକ୍ରି କରୁଥିବା କେତେକ ବିକ୍ରେତା ଏହି ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରୁଛନ୍ତି। ଏସବୁ



ଖାଦ୍ୟ ସାମଗ୍ରୀ ବିକ୍ରି କରିବାବେଳେ କେବଳ ଗ୍ରାହକ ପାର୍ସଲ ନେବାକୁ ନିୟମ ରହିଛି। ସାମାଜିକ ଦୂରତା ଦୃଷ୍ଟିରୁ ଗ୍ରାହକ ସେଠାରେ ଖାଇ ପାରିବେ ନାହିଁ। କିନ୍ତୁ କଟକ ସହରର ଦୋଳମୁଣ୍ଡାଇ, ବକ୍ସିବଜାର, ରାଣୀହାଟ, କଲେଜଛକ, ମଧୁପାଟଣା, ରିଙ୍ଗରୋଡ୍ ସମେତ କଟକ ସହରର ବିଭିନ୍ନ ଅଞ୍ଚଳରେ ଖାଦ୍ୟ ପସରା ମେଲାଉଥିବା ବିକ୍ରେତାମାନେ କୋଭିଡ୍-୧୯ ନିୟମକୁ ଖୁଲମଖୁଲା ଉଲ୍ଲଙ୍ଘନ କରୁଛନ୍ତି। ବରା, ପିଆଜି, ଦହିବରା ଆଳୁଦମ, ଫାଷ୍ଟଫୁଡ୍, ଛେନା, ମିଠା, ରବିଡ଼ି ବିକୁଥିବା ବ୍ୟବସାୟୀଙ୍କ ନିକଟରେ ପ୍ରବଳ ଭିଡ଼ ହେଉଛି। ସେଠାରେ ପାର୍ସଲ ନେବା ପରିବର୍ତ୍ତେ ଗ୍ରାହକ ମେଳି ହୋଇ ଖାଉଥିବାର ଦେଖାଯାଉଛି। ପୁଲିସ ପିସିଆର୍ ଭ୍ୟାନ୍ କଟକ ସହରର ଗଳିକନ୍ଦିରେ ପଇଁତରା ମାରୁଥିବାବେଳେ ମୁଖ୍ୟ ମୁଖ୍ୟ ରାସ୍ତାରେ ଏ ସବୁ ବେପାର ଚାଲୁଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଥିବାବେଳେ ସାମାଜିକ ଦୂରତା ପ୍ରତି ଦୃଷ୍ଟି ନଦେଇ ଭିଡ଼ ଜମାଇ ଗ୍ରାହକ ଖାଇବା ଏବଂ ବିକ୍ରେତା ମଧ୍ୟ ଗ୍ରାହକଙ୍କୁ ଜଳଖିଆ ତଥା ଫାଷ୍ଟଫୁଡ୍ ଯୋଗାଇଦେବା କରୋନା ସଂକ୍ରମଣକୁ ବୃଦ୍ଧି କରିବାରେ ସହାୟକ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ନିତିଦିନ NITIDIN
Sat, May 23, 2020
http://odishanewsnitidin.com